# NATIONAL NEWS BULLETIN (ODIA)

## 18th May - 2024

## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢ଼ୁଛନ୍ତି..... **ସରିତା ସାହୁ**

## ମୁଖ୍ୟ ସମ୍ବାଦ

- ଦେଶର ପଞ୍ଚମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ।
- ବରିଷ୍ଠ ବି.ଜେ.ପି. ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ହରିୟାଣାର ବିଭିନ୍ନ ସ୍ଥାନରେ କଲେ ନିର୍ବାଚନ ପ୍ରଚାର ।
- ପ୍ରଧାନମନ୍ତ୍ରୀ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ଆସନ୍ତାକାଲି ବିଭିନ୍ନ ସ୍ଥାନରେ ଜନସଭା ଓ ରୋଡ୍ ଶୋ'ରେ ଯୋଗଦେବେ ।

ଏବଂ

- ଆଇ.ପି.ଏଲ୍. କ୍ରିକେଟରେ ଆଉ କିଛି ସମୟ ପରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ହେବ ମୁକାବିଲା ।

# ଓଡ଼ିଶା କ୍ୟାମ୍ପେନିଂ

ଦେଶରେ ପଞ୍ଚମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ପ୍ରଚାର ଶେଷ ହୋଇଛି । ଆସନ୍ତା ସୋମବାର ଦିନ ଏହି ପର୍ଯ୍ୟାୟରେ ୮ଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର  ୪୯ଟି ଲୋକସଭା ଆସନ ପାଇଁ ମତ ଗ୍ରହଣ କରାଯିବ । ଉତ୍ତରପ୍ରଦେଶର ୧୪ଟି, ମହାରାଷ୍ଟ୍ରର ୧୩ଟି, ପଶ୍ଚିମବଙ୍ଗର ୭ଟି, ବିହାର ଏବଂ ଓଡ଼ିଶାର ୫ଟି, ଝାଡ଼ଖଣ୍ଡର ୩ଟି, ଜାମ୍ମୁ କାଶ୍ମୀରର ଗୋଟିଏ ଏବଂ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳ ଲୋକସଭା ଆସନ ପାଇଁ ମତଦାନ ହେବ ।

ଓଡ଼ିଶାରେ ଆସନ୍ତା ସୋମବାର ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ୫ଟି ସଂସଦୀୟ କ୍ଷେତ୍ର - ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗୀର, କନ୍ଧମାଳ ଓ ଆସିକା ସମେତ ସେଗୁଡ଼ିକ ଅନ୍ତର୍ଗତ ୩୫ଟି ବିଧାନସଭା ଆସନରେ ଏକକାଳୀନ ମତଦାନ ହେବ। ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଅଧିକାରୀମାନେ ମତଦାନ କେନ୍ଦ୍ରରେ ପହଞ୍ଚିବା ଆରମ୍ଭ କରିଛନ୍ତି ।  ୪୦ ଲକ୍ଷ ୩୩ ହଜାର ୯୯୨ ପୁରୁଷ ଓ ୩୯ ଲକ୍ଷ ୪୫ ହଜାର ମହିଳା ଭୋଟର ୯ ହଜାର ୧୬୨ଟି ଭୋଟ୍‌ଗ୍ରହଣ କେନ୍ଦ୍ରରେ ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ । ନିର୍ବାଚନ ଆୟୋଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏହିସବୁ ବୁଥ୍ ମଧ୍ୟରୁ ୨୦ ପ୍ରତିଶତ ସମ୍ବେଦନଶୀଳ ହୋଇଥିବା

ବେଳେ ଏହି ସବୁ ନିର୍ବାଚନ ମଣ୍ଡଳୀରେ ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ୧୦୨ କମ୍ପାନୀ ପୁଲିସ ମୁତୟନ କରାଯାଇଛି। ୨୦୦ଟି ଭୋଟ୍‌ଗ୍ରହଣ କେନ୍ଦ୍ର ମହିଳା ପୋଲିଂ ଅଧିକାରୀଙ୍କଦ୍ୱାରା ପରିଚାଳିତ ହେବ । ଏହି ପର୍ଯ୍ୟାୟ ନିର୍ବାଚନରେ ୫ଟି ଲୋକସଭା ଆସନପାଇଁ ୪୦ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ୩୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୬୫ ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି । ସେମାନଙ୍କ ମଧ୍ୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ, ବରିଷ୍ଠ ବିଜେପି ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଓ ଦିଲ୍ଲୀପ ରାୟ, ସଙ୍ଗୀତା କୁମାରୀ ସିଂହଦେଓ, ପୂର୍ବତନ ଭାରତୀୟ ହକି ଅଧିନାୟକ ଦିଲୀପ ତିର୍କୀ ପ୍ରମୁଖ ଅଛନ୍ତି ।

## ଅମ୍ବାଲା - ପି.ଏମ୍. ର୍ୟାଲି

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ହରିୟାଣାର ଅମ୍ବାଲା ଏବଂ ସୋନିପତ୍‌ଠାରେ ବିଜେପି ପ୍ରାର୍ଥୀଙ୍କ ସପକ୍ଷରେ ଏକ ନିର୍ବାଚନୀ ର୍ୟାଲିକୁ ସମ୍ବୋଧିତ କରିଛନ୍ତି। ଆସନ୍ତା ୨୫ ତାରିଖରେ ହରିୟାଣା ୧୦ଟି ଲୋକସଭା ଆସନପାଇଁ ମତଦାନ ଅନୁଷ୍ଠିତ ହେବ । ର୍ୟାଲିକୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଛନ୍ତି, ଦେଶରେ ଏକ ଶକ୍ତିଶାଳୀ

ସରକାର ଥିବାରୁ ଆମ ବିରୋଧରେ କିଛି କରିବା ପୂର୍ବରୁ ଶତ୍ରୁମାନେ ୧୦୦ ଥର ଚିନ୍ତା କରନ୍ତି । ଶ୍ରୀ ମୋଦି କହିଛନ୍ତି, ପାକିସ୍ତାନ ଗତ ୭୦ ବର୍ଷ ଧରି ଭାରତକୁ ହଇରାଣ କରୁଛି । ତା'ର ଯେଉଁ ହାତରେ ବୋମା ଥିଲା, ଏବେ ସେହି ହାତରେ ଭିକ୍ଷାପାତ୍ର ଧରିଛି। ଏକ ଦୁର୍ବଳ ସରକାର ଜମ୍ମୁ-କଶ୍ମୀରରେ ସ୍ଥିତି ବଦଳାଇ ପାରିବ ନାହିଁ । ସେ ଆହୁରି ମଧ୍ୟ କହିଛନ୍ତି, କଂଗ୍ରେସ ଶାସନରେ ହରିୟାଣାର ସାହସୀ ମା' ଭଉଣୀମାନେ ଦିନ ରାତି ଚିନ୍ତିତ ରହୁଛନ୍ତି; କିନ୍ତୁ ବର୍ତ୍ତମାନ ଗତ ୧୦ ବର୍ଷ ମଧ୍ୟରେ ସ୍ଥିତି ବଦଳିଯାଇଛି। ସେ କହିଛନ୍ତି, ଦୃଢ଼ ମୋଦି ସରକାର ହିଁ ଧାରା ୩୭୦ ଉଚ୍ଛେଦ କରିଥିଲେ। ଜୁନ୍ ୪ ତାରିଖରେ ଭୋଟ୍ ଗଣତି ପାଇଁ ଆଉ ମାତ୍ର ୧୭ ଦିନ ବାକି ଥିବାବେଳେ କଂଗ୍ରେସ ଓ ଇଣ୍ଡି ମେଣ୍ଟ ପରାଜିତ ହେବେ।

ଶ୍ରୀ ମୋଦୀ କହିଛନ୍ତି, ହରିୟାଣା ଲୋକଙ୍କ ଶିରାରେ ଦେଶପ୍ରେମ ରହିଛି। ହରିୟାଣା ଦେଶ ବିରୋଧୀ ଶକ୍ତିକୁ ଭଲ ଭାବେ ଜାଣେ। ତାଙ୍କ ସରକାର ସେନାକୁ ଶକ୍ତିଶାଳୀ କରିଛି ବୋଲି ସେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, କଂଗ୍ରେସ ୪ ଦଶନ୍ଧି ପର୍ଯ୍ୟନ୍ତ ସେନାର ଯବାନମାନଙ୍କୁ 'ୱାନ୍ ରାଙ୍କ୍ : ୱାନ୍ ପେନ୍‌ସନ୍' ଦେଇ ନ ଥିବାବେଳେ ମୋଦୀ ସରକାର ତାହା କରିପାରିଛି ।

ପ୍ରଧାନମନ୍ତ୍ରୀ କହିଛନ୍ତି, କଂଗ୍ରେସ ଶାସନ ସମୟରେ ସର୍ବନିମ୍ନ ସହାୟକ ମୂଲ୍ୟରେ ୭ ଲକ୍ଷ ୩୦ ହଜାର କୋଟି ଟନ୍ ଖାଦ୍ୟଶସ୍ୟ କ୍ରୟ କରାଯାଇଥିଲା ଏବଂ ଏନଡିଏ ଶାସନରେ ୨୦ ଲକ୍ଷ କୋଟି ଟନ୍ ଖାଦ୍ୟଶସ୍ୟ କ୍ରୟ

କରାଯାଇଥିଲା। ସେ କହିଛନ୍ତି, କଂଗ୍ରେସ ଶାସନ ସମୟରେ କୃଷକମାନଙ୍କର ୬୦ ହଜାର କୋଟି ଟଙ୍କା ବକେୟା ଥିବାବେଳେ ବିଜେପି ନେତୃତ୍ୱାଧୀନ ସରକାର ସମୟରେ ୬ ଲକ୍ଷ ୫୦ ହଜାର କୋଟି ଟଙ୍କା ଚାଷୀଙ୍କ ଜମାଖାତାକୁ ହସ୍ତାନ୍ତର ହୋଇପାରିଛି ।

## ବିହାର - କ୍ୟାମ୍ପେନ୍

ବିହାରରେ ଷଷ୍ଠ ପର୍ଯ୍ୟାୟ ଓ ନିର୍ବାଚନ ଅନୁଷ୍ଠିତ ହୋଇ ନ ଥିବା ଲୋକସଭା ନିର୍ବାଚନ ମଣ୍ଡଳୀରେ ପ୍ରଚାର ଜୋରସୋର୍‌ରେ ଚାଲିଛି । ବରିଷ୍ଠ ବିଜେପି ନେତା ତଥା ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱ ଶର୍ମା ବକ୍ସର, ସିୱାନ ଏବଂ ମୁଜାଫରପୁରରେ ଏନଡିଏ ପ୍ରାର୍ଥୀଙ୍କ ସମର୍ଥନରେ ଜନସଭାକୁ ସମ୍ବୋଧନ କରିଛନ୍ତି ।

ଶ୍ରୀ ବିଶ୍ୱଶର୍ମା' କଂଗ୍ରେସ ଭୋଟ୍ ବ୍ୟାଙ୍କ ରାଜନୀତିର ଏଜେଣ୍ଡା କୁ ଅନୁସରଣ କରୁଛି ଏବଂ ଧାର୍ମିକ ଭିତ୍ତିରେ ସଂରକ୍ଷଣକୁ ସମର୍ଥନ କରୁଛି ବୋଲି ଅଭିଯୋଗ କରିଛନ୍ତି । ଜାତି, ବର୍ଣ୍ଣ ଓ ଧର୍ମକୁ ନେଇ କୌଣସି ଭେଦଭାବ ନକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତର ସମସ୍ତ ନାଗରିକଙ୍କ ପାଇଁ କାମ କରିଛନ୍ତି । ତେଣୁ ଏନଡିଏ ସରକାରଙ୍କ ନୀତିରୁ ସମସ୍ତ ଲୋକ ଉପକୃତ ହେଉଛନ୍ତି ବୋଲି ସେ କହିଛନ୍ତି ।

ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି, କଂଗ୍ରେସ ଓ ଆରଜେଡି ଲୋକଙ୍କୁ ବିଭ୍ରାନ୍ତ କରି ବିଜେପି ସଂରକ୍ଷଣ ଉଚ୍ଛେଦ କରିବ ଏବଂ ସମ୍ବିଧାନ ପରିବର୍ତ୍ତନ କରିବ ବୋଲି ପ୍ରଚାର କରୁଛନ୍ତି । ପାଟନାରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ଯୋଶୀ ଦାବି କରିଛନ୍ତି, ଲୋକସଭା ନିର୍ବାଚନରେ ଲୋକମାନେ ଇଣ୍ଡି ମେଣ୍ଟକୁ ଶିକ୍ଷା ଦେବେ।

ଜେଡିୟୁ ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମହାରାଜଗଞ୍ଜ ଓ ମୁଜାଫରପୁର ସଂସଦୀୟ କ୍ଷେତ୍ରରେ ଏକ ଜନସଭା ଯୋଗଦେଇ କହିଛନ୍ତି, ଆରଜେଡି ନେତା ତେଜସ୍ୱୀ ଯାଦବ ବିହାରରେ ଏନଡିଏ ସରକାରଙ୍କ କାର୍ଯ୍ୟର ଶ୍ରେୟ ନେବାକୁ ଚେଷ୍ଟା କରୁଛନ୍ତି। ଶ୍ରୀ କୁମାର କହିଛନ୍ତି. ଆରଜେଡିର ବିକାଶ ଏବଂ ରୋଜଗାରକୁ ନେଇ କୌଣସି ଚିନ୍ତା ନାହିଁ କାରଣ ଏହା ଦୁର୍ନୀତିରେ ଲିପ୍ତ ରହିଛି ।

ଆରଜେଡି ନେତା ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ସାରଣ, ବୈଶାଳୀ, ମଧୁବନୀ ଏବଂ ସୀତାମଢୀ ସଂସଦୀୟ କ୍ଷେତ୍ରରେ ନିର୍ବାଚନୀ ରାଲିକୁ ସମ୍ବୋଧନ କରିଛନ୍ତି। ଶ୍ରୀ ଯାଦବ କହିଛନ୍ତି, କେନ୍ଦ୍ରରେ ଗତ ୧୦ ବର୍ଷ ଧରି କ୍ଷମତାରେ ରହିବା ସତ୍ତ୍ୱେ ବିଜେପି ବିହାରର ସମସ୍ୟାର ସମାଧାନ ପାଇଁ କିଛି  ପଦକ୍ଷେପ ନେଇ ନାହିଁ।

## ପି.ଏମ୍. - ଓଡ଼ିଶା ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ସନ୍ଧ୍ୟାରେ ଦୁଇ ଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି । ସୋମବାର ସକାଳ ୮ଟାରେ ପ୍ରଧାନମନ୍ତ୍ରୀ ପୁରୀରେ ପହଞ୍ଚି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବେ । ଏହାପରେ ସେ ସେଠାରେ ରୋଡ୍ ଶୋ' କରିବାର କାର୍ଯ୍ୟକ୍ରମ ରହିଛି । ପୁରୀରେ ରୋଡ୍ ଶୋ' ସାରି ସକାଳ ସାଢ଼େ ୯ଟାରେ ଅନୁଗୁଳରେ ପହଞ୍ଚି ସେ ଏକ ବିରାଟ ଜନସଭାକୁ ସମ୍ବୋଧନ କରିବେ । ସେଠାରୁ କଟକ ଫେରି ସାଢ଼େ ୧୧ଟାରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି ।

ସେହିପରି ଆସନ୍ତାକାଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଧ୍ୟ ଓଡ଼ିଶା ଆସୁଛନ୍ତି । ସେ ରେଢ଼ାଖୋଲ, ପାଟଣା ଏବଂ ଖୋର୍ଦ୍ଧାରେ ସାଧାରଣ ସଭାରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

## ଝାଡ଼ଖଣ୍ଡ - ସି.ଇ.ସ.

ଝାଡଖଣ୍ଡ ମୁଖ୍ୟ ନିର୍ବାଚନ ଅଧିକାରୀ କେ. ରବି କୁମାର କହିଛନ୍ତି, ରାଜ୍ୟରେ ଆସନ୍ତା ସୋମବାର ଦିନ ମତଦାନ ହେବାକୁ ଥିବା ଦୁର୍ଗମ ଅଞ୍ଚଳ ଲାତେହାର ଏବଂ ଚତ୍ରା ଜିଲ୍ଲାରେ ହେଲିକପ୍ଟର ଯୋଗେ ୧୪୮ ଜଣ

ପୋଲିଂ କର୍ମଚାରୀଙ୍କ ସହ ଜଣେ ସେକ୍ଟର ଅଫିସରଙ୍କୁ ପଠାଯାଇଛି।  ଏହି ୧୪୮ ଜଣ ପୋଲିଂ କର୍ମଚାରୀ ୬୫ଟି ପୋଲିଂ ବୁଥରେ ମତଦାନ କାର୍ଯ୍ୟରେ ନିୟୋଜିତ ରହିବେ ।

ରାଞ୍ଚିରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ କୁମାର କହିଛନ୍ତି, ଲାତେହାର ଏବଂ ଚତରା ଜିଲ୍ଲାରେ କର୍ତ୍ତବ୍ୟରତ କିଛି ପୋଲିଂ କର୍ମଚାରୀଙ୍କୁ ମଧ୍ୟ ଟ୍ରେନ୍ ଏବଂ ସଡ଼କ ପଥରେ ନିର୍ବାଚନ ସାମଗ୍ରୀ ସହ ମତଦାନ କେନ୍ଦ୍ରକୁ ପଠାଯାଇଛି ।

## ଆଇ.ପି.ଏଲ୍. - କ୍ରିକେଟ୍

ଆଇ.ପି.ଏଲ୍. କ୍ରିକେଟରେ ଆଉ କିଛି ସମୟ ପରେ ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ମୁକାବିଲା ହେବ । ଉଭୟ ଦଳ ପ୍ଲେଅଫ୍‌ରେ ସ୍ଥାନ ପାଇବା ଲକ୍ଷ୍ୟରେ ରହିଥିବାରୁ ଆଜିର ମ୍ୟାଚ୍ ବେଶ୍ ଗୁରୁତ୍ୱପୂର୍ଣ୍ଣ । ଚେନ୍ନାଇ ପାଇଁ ଏହି ବିଜୟ ଶ୍ରେଷ୍ଠ ୪ରେ ସ୍ଥାନ ସୁନିଶ୍ଚିତ କରିବ । ତେବେ ଶେଷ ଖବର ଅନୁଯାୟୀ ଚେନ୍ନାଇ ଦଳ ଟସ୍ ଜିତି ପ୍ରଥମେ  ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

# କେଜରିୱାଲ୍ - ବି.ଜେ.ପି.

ଆମ୍ ଆଦମୀ ପାର୍ଟି ମୁଖ୍ୟ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଅଭିଯୋଗ କରିଛନ୍ତି, ବିଜେପି ଆପ୍ ବିରୋଧରେ ପ୍ରତିଶୋଧ ନେଉଛି। ଏକ ଭିଡିଓ ବାର୍ତ୍ତାରେ ଶ୍ରୀ କେଜ୍ରିୱାଲ ସୂଚନା ଦେଇଛନ୍ତି ଯେ ଦଳୀୟ ନେତାମାନେ ଆସନ୍ତାକାଲି ବିଜେପି ମୁଖ୍ୟାଳୟ ବାହାରେ ଜେଲ୍ ଭରୋ କାର୍ଯ୍ୟକ୍ରମ ଆରମ୍ଭ କରିବେ। ସେ କହିଛନ୍ତି, ବି.ଜେ.ପି.' ଆପ୍ ନେତା ରାଘବ ଚଡ୍ଢା ଏବଂ ଆତିଶୀଙ୍କୁ ଜେଲ ପଠାଇବାକୁ ଯୋଜନା କରୁଛି। ସେ କହିଛନ୍ତି, ତାଙ୍କ ଦଳର ଏକମାତ୍ର ଦୋଷ ହେଉଛି ଗରିବ, ଛାତ୍ର ଏବଂ ରୋଗୀଙ୍କ କଲ୍ୟାଣ ପାଇଁ କାମ କରିବା ।

# ଇ.ସି. - ଦିଲ୍ଲୀ ହୋମ୍ ଭୋଟିଂ

ବୟସ୍କ ଭୋଟର ଏବଂ ଭିନ୍ନକ୍ଷମଙ୍କ ପାଇଁ 'ଘରେ ରହି ଭୋଟ୍ ଦେବା ଅଭିଯାନ'ର ଦ୍ୱିତୀୟ ଦିନରେ ଦିଲ୍ଲୀରେ ମୋଟ ୧ ହଜାର ୪୦୯ ଜଣ ଭୋଟର ଗୃହ ମତଦାନ କରିଛନ୍ତି। ୨୦୨୪ ଲୋକସଭା ନିର୍ବାଚନରେ ହୋମ୍ ଭୋଟିଂ ସୁବିଧା ପାଇବା ପାଇଁ ଦିଲ୍ଲୀରେ ମୋଟ ୫ ହଜାର ୪୦୬ ଭୋଟର ନିର୍ଦ୍ଧାରିତ ଫର୍ମରେ ଆବେଦନ କରିଛନ୍ତି। ଦିଲ୍ଲୀର ମୁଖ୍ୟ ନିର୍ବାଚନ

ଅଧିକାରୀଙ୍କ କାର୍ଯ୍ୟାଳୟର ସୂଚନା ଅନୁସାରେ, ପଶ୍ଚିମ ଦିଲ୍ଲୀ ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ୩୪୮ ଜଣ ଭୋଟର ଏହି ଅଭିଯାନରେ ଅଂଶଗ୍ରହଣ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୨୯୯ ଜଣ ବୟସ୍କ ବ୍ୟକ୍ତି ଥିଲେ। ଦ୍ୱିତୀୟ ଦିନ ଶେଷ ସୁଦ୍ଧା ସମୁଦାୟ ୨ ହଜାର ୯୫୬ ଜଣ ଭୋଟର ନିଜ ଘରେ ବସି ମତଦାନ ଅଧିକାର ସାବ୍ୟସ୍ତ କରିଛନ୍ତି।

ପୂର୍ବତନ ଉପରାଷ୍ଟ୍ରପତି ମହମ୍ମଦ ହାମିଦ ଅନସାରୀ, ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂହ ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡ. ମୁରଲୀ ମନୋହର ଯୋଶୀ ଏହି ଅଭିଯାନରେ ଘରେ ରହି ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି ।

## ଆଇ.ପି.ଏଲ୍. - କ୍ରିକେଟ୍

ଆଇ.ପି.ଏଲ୍. କ୍ରିକେଟରେ ଆଉ କିଛି ସମୟ ପରେ ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ମୁକାବିଲା ହେବ । ଉଭୟ ଦଳ ପ୍ଲେଅଫ୍‌ରେ ସ୍ଥାନ ପାଇବା ଲକ୍ଷ୍ୟରେ ରହିଥିବାରୁ ଆଜିର ମ୍ୟାଚ୍ ବେଶ୍ ଗୁରୁତ୍ୱପୂର୍ଣ୍ଣ । ଚେନ୍ନାଇ ପାଇଁ ଏହି ବିଜୟ ଶ୍ରେଷ୍ଠ ୪ରେ ସ୍ଥାନ ସୁନିଶ୍ଚିତ କରିବ । ତେବେ ଶେଷ ଖବର

ଅନୁଯାୟୀ ଚେନ୍ନାଇ ଦଳ ଟସ୍ ଜିତି ପ୍ରଥମେ  ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

*****